


୧୮ ବର୍ଷ ● ୧୦ମ ସଂଖ୍ୟା ● ଅପ୍ରେଲ ୨୦୧୮, ବିଷୁବ ସ୍ୱତନ୍ତ୍ର: ଗଳ୍ପ ଗାଥା

ସ୍ୱତନ୍ତ୍ର ପ୍ରସଙ୍ଗ : ହନୁମାନ ତତ୍ତ୍ୱରେ ଆଧ୍ୟାତ୍ମିକତା
ଓଡ଼ିଶା ମୋ ଓଡ଼ିଶା: ତିନି ନୂଆ ରାଜ୍ୟସଭା ସାଂସଦ
ବିଶେଷ ପ୍ରସଙ୍ଗ : ସଂସ୍କୃତିର ପଥ, ଗାଁ' ଡାକେ ଆ'
ଆଳାପ : ସ୍ୱପ୍ନା ପ୍ରିୟଦର୍ଶିନୀ
କାଳଜୟୀ : ଗୋପୀନାଥ ମହାନ୍ତି
ସାହିତ୍ୟ : ୧ଟି ମନନଶୀଳ ଗଳ୍ପ, ୭ଟି ମନୋରମ କବିତା, ଧାରାବାହିକ
ନିୟମିତ : ରାଶିଫଳ, ଆମ ରୋଷେଇ, ଘରକରଣା ଓ ଅନ୍ୟାନ୍ୟ ବିଭାଗ।

## ସ୍ୱତନ୍ତ୍ର ପ୍ରସଙ୍ଗ : ହନୁମାନ ତତ୍ତ୍ୱରେ ଆଧ୍ୟାତ୍ମିକତା

**ଲେଖକ : ଶରତ ଚନ୍ଦ୍ର ପରିଡ଼ା**

ପ୍ରଭୁ ଶ୍ରୀ ହନୁମାନ ନିରାକାର ବ୍ରହ୍ମଙ୍କ ସଗୁଣ ସାକାର ପ୍ରବେଶ। ମହାମହିମ ଆଜନ୍ମ ବ୍ରହ୍ମଚାରୀ ପବନ ନନ୍ଦନ ଅଞ୍ଜନେୟ ତେଜ, ବୀର୍ଯ୍ୟ, ଯଶ, ଦକ୍ଷତା, ଶକ୍ତି, ବିନୟ, ନୀତି, ପୁରୁଷାର୍ଥ ପରାକ୍ରମ, ବୁଦ୍ଧି ଆଦି ଗୁଣରେ ବିମଣ୍ଡିତ ହେବା ସହ ସର୍ବଦୁଃଖ ବିନାଶକାରୀ ହୋଇ ସମସ୍ତଙ୍କର ପୂଜ୍ୟ ହୋଇପାରିଛନ୍ତି। ଶ୍ରୀ ହନୁମାନ ହେଉଛନ୍ତି ଭକ୍ତମାନଙ୍କ ମଧ୍ୟରେ ଶ୍ରେଷ୍ଠ। ଚଳିତମାସ ପାଳିତ ହେଉଛି ପବିତ୍ର ଶ୍ରୀ ହନୁମାନ ଜୟନ୍ତୀ। ଏହି ଉପଲକ୍ଷେ ବିଘ୍ନଜୟୀ ଅଞ୍ଜନେୟଙ୍କୁ ନିବେଦିତ ଏହି ଭକ୍ତାମୃତ।

## ଓଡ଼ିଶା ମୋ ଓଡ଼ିଶା : ତିନି ନୂଆ ରାଜ୍ୟସଭା ସାଂସଦ

ଭାରତୀୟ ସଂସଦର ଦୁଇଟି ସଦନ ରହିଛି: ଲୋକସଭା ଓ ରାଜ୍ୟସଭା। ଲୋକସଭାକୁ ଭାରତୀୟ ସଂସଦର ନିମ୍ନ ସଦନ କୁହାଯାଉଥିବାବେଳେ ରାଜ୍ୟସଭାକୁ ଉଚ୍ଚ ସଦନ କୁହାଯାଇଥାଏ। ଲୋକସଭା ଲୋକମାନଙ୍କର ଅର୍ଥାତ ଭାରତର ଜନଗଣଙ୍କର ସ୍ୱାର୍ଥର ସୁରକ୍ଷା କଲାବେଳେ ରାଜ୍ୟସଭା ଭାରତୀୟ ସଂଘୀୟ ଶାସନ ବ୍ୟବସ୍ଥାରେ ରାଜ୍ୟମାନଙ୍କର ବିଭିନ୍ନ ସ୍ୱାର୍ଥକୁ ପ୍ରତିଫଳିତ କରିଥାଏ। ଲୋକସଭାର ସଦସ୍ୟମାନେ ଜନସାଧାରଣଙ୍କ ଦ୍ୱାରା ସିଧାସଳଖ ନିର୍ବାଚିତ ହେଉଥିବାବେଳେ ରାଜ୍ୟସଭାର ସଦସ୍ୟମାନେ ପରୋକ୍ଷଭାବେ ରାଜ୍ୟ ବିଧାନସଭାର ଲୋକ ପ୍ରତିନିଧିଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି। ଲୋକସଭା ସଦସ୍ୟଙ୍କର କାର୍ଯ୍ୟକାଳ ୫ବର୍ଷ ହୋଇଥିବାବେଳେ, ରାଜ୍ୟସଭା ସଦସ୍ୟଙ୍କ କାର୍ଯ୍ୟକାଳ ୬ବର୍ଷ ହୋଇଥାଏ। ରାଜ୍ୟସଭା ଭାରତୀୟ ସଂସଦର ଏକ ସ୍ଥାୟୀ ସଦନ ଅଟେ। ରାଜ୍ୟସଭାରେ ସାଧାରଣତଃ ଅଭିଜ୍ଞ ତଥା ଅନୁଭୂତିସଂପନ୍ନ ବିଜ୍ଞ ବ୍ୟକ୍ତିମାନେ ପ୍ରତିନିଧିତ୍ୱ କରୁଥିବାରୁ ଏହାର ଏକ ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। ଏହି ଦୃଷ୍ଟିରୁ ରାଜ୍ୟସଭାକୁ ଏକ ସମ୍ମାନଜନକ ସଭା ବୋଲି କୁହାଯାଏ। ଓଡ଼ିଶାର ରାଜ୍ୟସଭା ସଦସ୍ୟଙ୍କ ସଂଖ୍ୟା ଦଶ। ଏହି ଦଶଜଣ ରାଜ୍ୟସଭା ସଦସ୍ୟଙ୍କ ମଧ୍ୟରୁ ତିନିଜଣ ସଦସ୍ୟଙ୍କ କାର୍ଯ୍ୟକାଳ ପୂରଣ ହୋଇଯିବା ଫଳରେ ସେମାନଙ୍କ ସ୍ଥାନରେ ତିନିଜଣ ନୂତନ ସଦସ୍ୟ ନିକଟରେ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି। ସେମାନେ ହେଲେ: ଡ. ଅଚ୍ୟୁତ ସାମନ୍ତ, ଶ୍ରୀ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ଶ୍ରୀ ପ୍ରଶାନ୍ତ ନନ୍ଦ। ଏହି ତିନି ବ୍ୟକ୍ତିତ୍ୱ ନିଜନିଜ କ୍ଷେତ୍ରରେ ବେଶ୍ ପରିଚିତ ଓ ପ୍ରତିଷ୍ଠିତ। ରାଜ୍ୟସଭାରେ ଆଗାମୀ ଛଅବର୍ଷ ପାଇଁ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବାକୁ ନିର୍ବାଚିତ ହୋଇଥିବା ଏହି ତିନି ବ୍ୟକ୍ତିତ୍ୱଙ୍କ ସଂପର୍କରେ 'କାଦମ୍ବିନୀ'ର ଏକ ବିଶେଷ ପ୍ରତିବେଦନ।

## ବିଶେଷ ପ୍ରସଙ୍ଗ : ସଂସ୍କୃତିର ପଥ

**ଲେଖକ : ସୁରେନ୍ଦ୍ର ମିଶ୍ର**

ମଣିଷ ତା'ର ଦୀର୍ଘ ଯାତ୍ରା କାଳରେ ଯେଉଁ ପଥ ଦେଇଆସିଛି, ତା' ଭିତରେ ଗଢ଼ି ଉଠିଛି ମଣିଷର ସଂସ୍କୃତି। ମଣିଷର ବିକାଶ ପ୍ରକ୍ରିୟାରୁ ସୃଷ୍ଟ 'ସଂସ୍କୃତି' ଏବେ ଜୀବନଧାରଣର ମାର୍ଗ, ଜାତିର ପରିଚୟ। ତେବେ, ସଂସ୍କୃତିର ଏଇ ଦୀର୍ଘ ଯାତ୍ରାପଥରେ ଘଟିଛି ଅନେକ ପରିବର୍ତ୍ତନ, ପଶିଚି ବି ଅପସଂସ୍କୃତି। ସେଥିପାଇଁ ବିଦ୍ୱାନ୍‌ମାନେ କହନ୍ତି, ଆଜି ବିଶ୍ୱରେ ଯେଉଁ ଶବ୍ଦଟିର ସର୍ବାଧିକ ଅପପ୍ରୟୋଗ କରାଯାଉଛି ତା' ହେଉଛି 'ସଂସ୍କୃତି'। ସେମାନେ ପୁଣି କୁହନ୍ତି, ମଣିଷ ଓ ସମାଜକୁ ଏବର ସଂକଟରୁ ଯଦି କିଏ ଉଦ୍ଧାର କରିପାରିବ ସେ ହେଉଛି 'ସଂସ୍କୃତି'। ତେବେ, କ'ଣ ଏଇ ସଂସ୍କୃତି ଓ ଆମ ସମାଜରେ ତା'ର ସ୍ଥିତି ଓ ଆବଶ୍ୟକତା କ'ଣ, ତାକୁ ନେଇ ଏ ଆଲେଖ୍ୟ। ରଚନା: ସୁରେନ୍ଦ୍ର ମିଶ୍ର

## ବିଶେଷ ପ୍ରସଙ୍ଗ : ଗାଁ' ଡାକେ ଆ'

**ଲେଖକ : ଅଶୋକ ରାଉତ**

ସେ ଗାଁ', ସେ ମା', ସେ ଜନ୍ମମାଟି, ଭିଟାମାଟି। ଅନନ୍ୟ ତା'ର ଆକର୍ଷଣ। ଅନନ୍ୟ ତା'ର ଶୋଭାରାଜି। ଅନନ୍ୟ ତା'ର ବର୍ଣ୍ଣବିଭା। ସେଇ ଗାଁ'ର ମଣିଷ, ସେମାନଙ୍କର ଆତ୍ମୀୟତା, ସେମାନଙ୍କର ନିରୀହତା, ସେମାନଙ୍କର ଚାଲିଚଳଣି, ସେମାନଙ୍କର ସୌହାର୍ଦ୍ଦ୍ୟ ଅନନ୍ୟ। ନିଆରା ସେମାନଙ୍କର ଜୀବନ ଧାରଣର ଢଙ୍ଗ। ସ୍ୱତନ୍ତ୍ର ସେଠିକାର ସଂସ୍କୃତି, ପରମ୍ପରା। ସେ ଗାଁ' ଏବେ ବି ଅଛି। ସେ ସେମିତି ରହିଥିବ ଅପେକ୍ଷାରେ। ମା' ଭଳି। ବୁଢ଼ୀମା' ଭଳି। ଅନେଇ ରହିଥିବ ସନ୍ତାନର ଆସିବା ବାଟକୁ। ତା'ର ଫେରିବା ବାଟକୁ ଚାହିଁଚାହିଁ ଆଖିରୁ ଝରଉଥିବ ଧାରଧାର ଲୁହ। ସେ ଅଭିମାନ କରୁଥିବ। ସେ ହାତଠାରି ଡାକୁଛି- ଚାଲନ୍ତୁନା, ଟିକେ ବୁଲିଆସିବା ଗାଁ'ରୁ। ଉପସ୍ଥାପନା : ଅଶୋକ ରାଉତ

## କାଳଜୟୀ : ଗୋପୀନାଥ ମହାନ୍ତି

ଓଡ଼ିଶାର ପ୍ରଥମ ଜ୍ଞାନପୀଠ ବିଜେତା, ଓଡ଼ିଆ ଗଦ୍ୟ ସାହିତ୍ୟର ପ୍ରବାଦ ପୁରୁଷ, ଗୋପୀନାଥ ମହାନ୍ତିଙ୍କର ଏକ ଚମତ୍କାର ଗପ 'ବଘେଇ' ଆମେ କାଦମ୍ବିନୀର ଏ ସଂଖ୍ୟାରେ ଉପସ୍ଥାପନ କରିଛୁ। ଗପଟି ଉପରେ ଆଲୋଚନା କରିଛନ୍ତି ଆମ ସମୟର ବିଶିଷ୍ଟ ସମୀକ୍ଷକ ତଥା ଗାଳ୍ପିକ ପ୍ରକାଶ କୁମାର ପରିଡ଼ା।

## ଓଡ଼ିଆ ସାହିତ୍ୟର ଦୀପ୍ତ ବ୍ୟକ୍ତିତ୍ୱ : ଗୋପୀନାଥ

## ଲେଖକ : ପ୍ରକାଶ କୁମାର ପରିଡ଼ା

ଭାରତୀୟ କଥା ସାହିତ୍ୟରେ ଗୋପୀନାଥ ମହାନ୍ତି (୧୯୧୪-୯୧) ଜଣେ ତୁଙ୍ଗ ଓ ଦୀପ୍ତ ବ୍ୟକ୍ତିତ୍ୱ। କଥା ସାହିତ୍ୟରେ ବୌଦ୍ଧିକ ଚିନ୍ତନ, ବିଶ୍ୱଦର୍ଶନ, ଗଭୀର ମନସ୍ତତ୍ତ୍ୱ, ନୃତତ୍ତ୍ୱ, ସମାଜବୀକ୍ଷାର ପ୍ରୟୋଗ ଦୃଷ୍ଟିରୁ ଗୋପୀନାଥଙ୍କ କୃତିତ୍ୱ ଅସାଧାରଣ। ତାଙ୍କ ଉପନ୍ୟାସର କାନ୍‌ଭାସ୍ ବିସ୍ତୀର୍ଣ୍ଣ-ରଙ୍ଗନ୍ୟାସ ବର୍ଣ୍ଣିଳ-ଚରିତ୍ରଚିତ୍ରଣ ମୂର୍ତ୍ତ ଓ ସେଇଥିପାଇଁ ବର୍ଣ୍ଣନା ପ୍ରତୁଳ ଯେମିତି, ସେମିତି ସଂକ୍ଷିପ୍ତ ଆୟତନରେ, ସ୍ୱଳ୍ପ ଚରିତ୍ରରେ ମଧ୍ୟ ଘନପିନଦ୍ଧ ତାଙ୍କ ଉପନ୍ୟାସିକାମାନ। ଉଭୟ ସଫଳ, ରସୋତ୍ତୀର୍ଣ୍ଣ ଓ ପାଠକପ୍ରିୟତାପ୍ରାପ୍ତ।

## କାଳଜୟୀ : ବଘେଇ

## ଲେଖକ : ଗୋପୀନାଥ ମହାନ୍ତି

ଆଦ୍ୟ ଆଷାଢ଼ରେ ଆକାଶ ଗୋଟାକଯାକ ଯେତେବେଳେ ସତେ ଅବା କଳା ମେଘର ଓଜନରେ ତଳକୁ ଓହଳି ପଡ଼ିଥାଏ, ଚାରିଆଡ଼ କଳା ଘୁମର, ଦିନ ଚାରିଟାବେଳେ ବି ସୁନେଲି କିରଣ ତ କାହିଁ ସାତ ସପନ, ମିଞ୍ଜିମିଞ୍ଜି ଆଲୁଅ, ଯହିଁରୁ ବାରିହୁଅନ୍ତା ଏ ସଞ୍ଜ ନୁହେଁ, ଦିନ, ସେ ସୁକୁସୁକୁ ମରମର। କୁଟ୍ରା ବୋବେଇଲା, ଭାବିଲା, ବୋଧହୁଏ ସଞ୍ଜ ବୁଡ଼ିଲା। ଚଢ଼େଇ ବି ବଣା ହେଲେ, ପକ୍ଷୀ ଯାକି ପତ୍ର ଗହଳିରେ ବସି ପଡ଼ିଲେ ଓ ଆଗତୁରା ଗାଇଦେଲେ ସେ ଦିନଟିର ମୃତ୍ୟୁ ଲାଗି ବିଳାପ ଗୀତ। ଯୁଆଡ଼େ ଚାହିଁଲେ କରୁଣ, ଉଦାସ, ଶୂନ୍ୟତା-ଯେମିତି ଦୂରର ଦୂରର କାନ୍ଦୁରା ହଜିଲା ସ୍ମୃତି, କେଉଁ ଅନ୍ୟ ଜନ୍ମର, ଅନ୍ୟ ଦେଶର, ଝକ୍ କରି ଉଠୁଛି, କଳା ବିସ୍ମୃତିରେ ଗଣ୍ଡ ଭିତରେ ବୁଡ଼ିଯାଉଛି, ହଜିଯାଉଛି।

## ଗଳ୍ପ : ଜଣେ ଆଧୁନିକ ବ୍ୟାଧର କାହାଣୀ

## ଲେଖକ : ନିତ୍ୟାନନ୍ଦ ପଣ୍ଡା

ପାଖ ଡାହିରେ ବସି କପୋତ ଦେଖୁଥାଏ ଛୁଆପୁଅ ଦୁହିଁଙ୍କୁ। ଏବଂ ସେମାନଙ୍କ ଖେଳୁଆଡ଼ ଢଙ୍ଗକୁ। ସେ ଖୁସୀ ହଉଥାଏ। କିନ୍ତୁ ସେମାନଙ୍କ ଝଗଡ଼ା ଝାଣ୍ଟିକୁ ପସନ୍ଦ କରୁନଥାଏ। ସେହି ବସିବା ଥାନରୁ ତା'ର ଆକଟ ଶୁଭେ, "ଝଗଡ଼ା କାହିଁ ଲାଗୁଚରେ! ତୁମେ ପରା ଭାଇ ଭାଇ!"

## ଗଳ୍ପ : ମନଲାଖି ଝିଅ

## ଲେଖକ : ସଦାନନ୍ଦ ତ୍ରିପାଠୀ

ନିଦ ଆସୁ ନଥିଲା ଆଖିକୁ। ମୁଣ୍ଡରେ ଖେଳି ବୁଲୁଥିଲା ଅସଂଖ୍ୟ ଭାବନା, ବିକ୍ଷିପ୍ତ ଭାବେ ଉଡୁଥିବା ଶିମିଳି ତୂଳା ପରି। କେତେବେଳେ ହାଲୁକା ନିଦର ପ୍ରଲେପରେ ଅବନତ ହୋଇଗଲା ତାଙ୍କର ଆଖିପତା, ତାହା ତାଙ୍କୁ ଜଣା ନାଇଁ। ଧାରାବାହିକ ଭାବେ ଛୋଟଛୋଟ ସ୍ୱପ୍ନ କେତୋଟି ଦେଖିବା ପରେ ଏକ ମୁହୂର୍ତ୍ତରେ ଭାଙ୍ଗିଥିଲା ନିଦ।

## ଗଳ୍ପ : ବିମାନ

## ଲେଖିକା : ଜୟନ୍ତୀ ରଥ

କିଛି କ୍ଷଣ ନିରବ ରହି ତା'ପରେ ପୁଣି ଆରମ୍ଭ କଲେ, "ରାଧା ଭାରି ଦୁଃଖୀ - ବୁଝିଲୁ ଝିଅ। କେତେ ଅପବାଦ - କେତେ ଅପମାନ। କ'ଣ ସେ ପାଇଛି ଜୀବନରେ କହିଲୁ - ସ୍ୱାମୀର ସୋହାଗ, ସନ୍ତାନ ପାଳନର ସୁଖ, କିଛି ନାହିଁ - କିଛି ନାହିଁ ତା' କପାଳରେ।

## ଗଳ୍ପ : ଶୂନ୍ୟସ୍ଥାନ

## ଲେଖକ : ଯଦୁନାଥ ପଣ୍ଡା

ସିପ୍ରା ବ୍ୟତିବ୍ୟସ୍ତ ହୋଇପଡ଼େ। ଏତେ ପରିପୂର୍ଣ୍ଣତା ଭିତରେ ଏଇ ସାମାନ୍ୟ ଖଣ୍ଡେ ଶୂନ୍ୟତାକୁ ମୋଟେ ସହ୍ୟ କରିପାରେନା ସେ। ସେ ଶୂନ୍ୟତାକୁ କୌଣସି ମତେ ଯେମିତି ପୂରଣ କରିଦେବାକୁ ହେବ, ତାକୁ ଲାଞ୍ଚ ଦେଇ ସନ୍ତୁଷ୍ଟ କରିଦେବାକୁ ହେବ। ସେ ଯେମିତି ଏ ଜୀବନର କୁଢ଼କୁଢ଼ ବ୍ୟର୍ଥତା, ଏକ ଅପୂରଣୀୟ ଆକାଂକ୍ଷା।

## ଗଳ୍ପ : ସୂର୍ଯ୍ୟାସ୍ତର ଗାଢ଼ ରଙ୍ଗ

## ଲେଖକ : ଅରବିନ୍ଦ ରାୟ

ସାଧାରଣ ଚଷମାଟା ଭୁଲ୍‌ବଶତଃ ହାତରୁ ପଡ଼ି ଭାଙ୍ଗିଯାଇଥିଲେ ବି, ସେ ଭାଙ୍ଗିଯାଉଥିବା ବେଳର ଶବ୍ଦ ଓ ଏବେ ରମାକାନ୍ତଙ୍କ ଉଦାସିଆ ସ୍ୱର ଯୋଗମାୟାଙ୍କୁ କେଜାଣି କାହିଁକି ଭାରି କରୁଣ ଲାଗିଲା । ତାଙ୍କୁ ଲାଗିଲା ଚଷମାଟା ଭାଙ୍ଗିଗଲା ନାହିଁ ଯେ, ତାଙ୍କ ଛାତି ଭିତରେ ଯେମିତି କୋଉଠି କ'ଣ ସବୁ ଭାଙ୍ଗିରୁଜି ତାଙ୍କୁ ଏକବାର ଖିନ୍‌ଭିନ୍ କରିଦେଲା ।

**ଗଳ୍ପ : ଜଣେ ରାଣୀ ବାଘୁଣୀର ପ୍ରେମ କାହାଣୀ**
**ଲେଖକ : ଆଦିତେଶ୍ୱର ମିଶ୍ର**

କି ମର୍ମନ୍ତୁଦ ଏଇ ଗୀତ ? ରାଣୀ ବାଘୁଣୀ ଫେରିଗଲା ଦିନରୁ କବି ବାଘକୁ କେମିତି କ'ଣ ହଜିଲା ହଜିଲା ଲାଗୁଛି। ତା'ର ଆଉ ଚାଷବାସରେ ମନ ନାଇଁ। ମକା ପାକଳ ହୋଇ ତା'ର ମଂଜି ଝଡିବାକୁ ବସିଲାଣି ଅଥଚ ସେ ଅମଳ କରିବାରେ ମନ ଦେଉନାହିଁ। କିଛି ବୋଇଲେ କିଛି ବି ଭଲ ଲାଗୁନାହିଁ ତାକୁ। ନା' ସେ ଭଲଭାବେ ଶିକାର କରୁଛି ନା' ଖାଇ ପି' ପାରୁଛି।

**ଗଳ୍ପ : ଅବଶେଷ**
**ଲେଖକ : ପବିତ୍ର ପାଣିଗ୍ରାହୀ**

ସେତିକି କହିସାରିଲା ବେଳକୁ ଅନୁଶୋଚନାରେ ବିମର୍ଷ ଓ ଲଜ୍ଜିତ ଦିଶୁଥିଲେ ସେ। ଗମ୍‌ଗମ୍ ଝାଳ ବୋହି ଯାଉଥିଲା ସାର୍‌ଙ୍କ ଦେହରୁ। କପାଳରେ ହାତ ପିଟି ସାର୍ କହିଥିଲେ, "ବୁଝିଲ ପ୍ରଭାତ ! ଜୀବନରେ କେବଳ ଭୁଲ୍ ହିଁ କରି ଚାଲିଚି ମୁଁ। ଏଇ ପି.ଏଚ୍‌ଡ଼ି କରିବାଟା ଆଉ ଗୋଟେ ମସ୍ତବଡ଼ ଭୁଲ, ତା' ପୁଣି ପ୍ରଫେସର ଦାସଙ୍କ ଅଧୀନରେ।

**ଗଳ୍ପ : ପିତାପୁତ୍ର**
**ଲେଖକ : ବିପିନ ବିହାରୀ ମିଶ୍ର**

କିନ୍ତୁ ଘରେ ଦାଣ୍ଡରେ ବସି ଚା' ପିଇଲାବେଳେ ଅକ୍ଷୟ ବାବୁ ନିଜକୁ ନିଜେ ପଚାରନ୍ତି "ସତେ କଣ ଆମ ପାଖରେ ସମୟ ନାହିଁ ? କ'ଣ ଆମେ ଏତେ ବ୍ୟସ୍ତ ? ତା' ତ ନୁହେଁ। ଆମର ତ ଅନେକ ସମୟ କଟୁଛି ହସ ଖୁସିରେ। ଆମେ ତ ସୁଖ ଦୁଃଖ ବାଣ୍ଟୁଛେ। ଅନ୍ୟର ସୁଖ ଦୁଃଖରେ ଆମେ ସୁଖି ଦୁଃଖି ହେଉଛେ। କବି ବୋଧହୁଏ ତାଙ୍କ ସମୟର କଥା କହୁନଥିଲେ, ଭବିଷ୍ୟତକୁ ଅନୁମାନ କରୁଥିଲେ।

**ଗଳ୍ପ : ବ୍ଲୁ**
**ଲେଖକ : ଶୂନ୍ୟ ମିଶ୍ର**

ତାଙ୍କ ପରି ମଣିଷଟେ ମାନେ ? ସେ ଆଉ କେମିତିକା ଭିନ୍ନ କି ? ଟିକେ ବୟସ୍କ, ଟିକେ ଭୋଳା, ଟିକେ ପଣ୍ଡିତିଆ; କ'ଣ ହେଇଗଲା ସେଇଠୁ। କ'ଣ ହେଇଗଲା ସେଇଠୁ ଯେ ସେ ଜୀବନସାରା ଆଦର୍ଶ ଫାଦର୍ଶର ପାଠ ଗୁଡେ ପଢାଇଛନ୍ତି। ସେଗୁଡା ତ ବହିପଢା କଥା ଗୁଡିଏ; ଅବଚେତନରେ ଯାହା ଯେମିତି ସହଜାତ ପ୍ରବୃତ୍ତି ଏବଂ ସେ ଜନିତ ଯେଉଁ କୌତୂହଳ ଟିକକ ସେସବୁ ଯିବ କୁଆଡେ। ସେସବୁ ରହିବା କ'ଣ ଏତେ ପରିହାସର କଥାଟିଏ ?

**ଗଳ୍ପ : ନବଜାତକ**
**ଲେଖକ : କ୍ଷୀରୋଦ ଦାସ**

ଏଥିରେ ଦୁଃଖ କରିବାର କ'ଣ ଅଛି ? କଣ ଅଛି ହତାଶାବୋଧରେ ଜର୍ଜରିତ ହୋଇ ମୁହଁ ତଳକୁ ପୋତି ବସିବା ? କପାଳକୁ ନିନ୍ଦିବା ? ଏକାଏକା ଗୋଟାଏ ପରମାୟୁ ବିତାଇ ଦେବାରେ ଅସୁବିଧା କ'ଣ ? ଏଥିରେ ଯେ ଗୋଟାଏ ମହକ ଅଛି, ମାଦକତା ଅଛି, ସେକଥା କ'ଣ ସମସ୍ତେ ଜାଣିଛନ୍ତି ନା ଜାଣିପାରିବେ ! !

**ଗଳ୍ପ : ବୋନ୍‌ସାଇ**
**ଲେଖିକା : ସୌଭାଗିନୀ ପରିଡ଼ା**

'ଜାପାନିଜ୍ ଗ୍ରୀନ୍‌ମାପଲ୍' ବୋନସାଇଟି ଦୃଷ୍ଟିରେ ପଡ଼ିବା ଭଳି ସ୍ଥାନରେ ରଖାଯାଇଥିଲା। ତା'ର ଅଭିଜାତ ଉପସ୍ଥିତି ମୁଗ୍ଧ କରିଥିଲା ମୋତେ। ଛୋଟଛୋଟ ସବୁଜ ପତ୍ର ଥିବା କଣ୍ଢେଇ ଭଳି ଝଙ୍କାଳିଆ ଗଛଟିଏ। ଯେମିତି ମୁଁ ଘରେ ସୋ'କେସ୍‌ରେ ସଜାଇ ରଖିଥିଲି ତାଜ୍‌ମହଲ, ଇଫିଲ୍ ଟାୱାର, କିମ୍ବା ବୁର୍ଜ ଖଲିଫାର ମିନି ସଂସ୍କରଣ ସବୁ।

**ଗଳ୍ପ ଉନ୍ମେଷ : କାଠଚୌକି**
**ଲେଖକ : ସୌମ୍ୟା ମହାପାତ୍ର**

ଭାଇ ଓ ବୋଉ ବି ଚାହାନ୍ତି ଡ୍ରୟରଟା ଖୋଲୁ, ପର୍ଦ୍ଦା ହଟୁ ସବୁ ପ୍ରତୀକ୍ଷାରୁ। ହେଲେ କେହି ସେ କଥା ଉଠାଉ ନାହାନ୍ତି- ନା' ବୋଉ ନା' ଭାଇ। ସେ ଖୋଲିବ। ନିଶ୍ଚୟ ଖୋଲିବ ସେ ଡ୍ରୟର। ଅନାବୃତ୍ତ କରିବ ସବୁ କୌତୂହଳ।

**ସମ୍ପୂର୍ଣ୍ଣ ଉପନ୍ୟାସ : ସ୍ୱପ୍ନର ଶହେ ବର୍ଷ**
**ଲେଖିକା : ସ୍ୱାଗତିକା ସ୍ୱାଇଁ**

ସୁଖମାନେ ଗୋଟାଏ ଗୋଟାଏ ପ୍ରଶ୍ନ ପାଲଟି ଯାଆନ୍ତି କାହିଁକି ? ନାଇଁ ତ ଦେଖ, ତମେ ଯାକୁ, ତାକୁ, ଏଇଟାକୁ, ସେଇଟାକୁ ସୁଖ ବୋଲି ଧରି ନେଇଚ। ଅଥଚ ଦେଖିଲା ବେଳକୁ ସେଇଟା ପ୍ରକୃତରେ କିନ୍ତୁ ଗୋଟାଏ ଗୋଟାଏ ବନ୍ଦୀଶାଳା, ପ୍ରଶ୍ନମାନଙ୍କର। ଯୋଉ ବନ୍ଦୀଶାଳା ଭିତରେ ଘମାଘୋଟ ଯୁଦ୍ଧ। ଏବେ ତମେ ଯେତେ ନ ଭାବିଥିଲେ ବି ସେ ବନ୍ଦୀଶାଳାରେ, ସେ ଘମାଘୋଟିଆ ଯୁଦ୍ଧ ଭିତରେ ଫସିବାକୁ ବାଧ୍ୟ।

### କବିତା

ଏଥର କବିତାରେ ରହିଛି: ସତ୍ୟବାଦୀ ରାଉତଙ୍କ 'କଥାଟିଏ କହୁଁ', ପବିତ୍ରମୋହନ କରଙ୍କ 'ଖବରକାଗଜବାଲା', ଧନଞ୍ଜୟ ସ୍ୱାଇଁଙ୍କ 'ତୁମ ଗାଁ ଖରା', ଶିଶିର ନାୟକଙ୍କ 'କିଏ ବା ଜାଣେ', ବିଜୟଲକ୍ଷ୍ମୀ ପରିଡ଼ାଙ୍କ 'ଛାଇର ଆରପାଖ', ନିରାକାର ଦାସଙ୍କ 'ବିଦଗ୍ଧ ହୃଦୟ' ଓ ଗୌରହରି ରାଉତ (ରୂପକଳ୍ପ)ଙ୍କ 'ସନେଟ୍'।

### ଧାରାବାହିକ ଉପନ୍ୟାସ : ଜୀବନପାତ୍ର (ବିଂଶ ଭାଗ)
### ଲେଖକ : ରାମଚନ୍ଦ୍ର ବେହେରା

ଏବେ ମାତ୍ର ପାଞ୍ଚ-ଛ'ଟି ପରିବାରକୁ ନେଇ କୋହ୍ଲ ସାହି। ସେମାନେ ଶବ ଗ୍ରହଣ କଲେ। ସରିଗଲା ଗୋଟେ ଦାୟିତ୍ୱ ସମ୍ପାଦନ। ବହୁତ ହାଲୁକା ଲାଗିଲା ବୁଲୁକୁ। ପ୍ରିୟ ଜଣାପଡ଼ିଲା ପୃଥିବୀ। କିନ୍ତୁ ସେ ଶବ ପାଖରେ ଥିଲା ବୋଲି ଘରେ ପ୍ରବେଶ କରିପାରିଲା ନାହିଁ। ଏଥିପାଇଁ ମନରେ କ୍ଷୋଭ ନ ଥିଲା ବୁଲୁର। ସେ ବି ତରତର ହେଉଥିଲା ଫେରି ଆସିବାକୁ କ୍ୱାର୍ଟରକୁ।

### ଭ୍ରମଣ କାହାଣୀ : ମୋ ଝର୍କାରୁ ପୃଥିବୀ
### ଲେଖିକା: ସୁସ୍ମିତା ବାଗ୍‌ଚୀ

ବାହାରେ ଦେହ ହାତ କାଲୁଆ ମାରିଯିବା ଭଳି ଥଣ୍ଡା। କାଚ ଝରକା ଦେଇ ଦେଖିଲେ କିଛି ବୁଝି ହେଉନି। ଆକାଶ ପରିଷ୍କାର। କେତେ ସୁନ୍ଦର ବିଛେଇ ହୋଇ ଯାଇଛି ନରମ ଖରା। ମନ ଟାଣି ନେଉଛି ଯେମିତି। କିନ୍ତୁ କବାଟ ଖୋଲି ଯଦି ଜଣେ ବାହାରେ ପାଦ ରଖିବ, ତା'ହେଲେ ପ୍ରାଣାନ୍ତକ ଅବସ୍ଥା। ମାର୍ଚ୍ଚ ମାସ ଅଧାଅଧି ହେଇଗଲାଣି; ଆମ ଭାରତରେ ଆଉ କେଇ ଦିନ ପରେ ହୋଲି, ଅଥଚ ଏଠିକା ଥଣ୍ଡା ଦେଖ। କିଛି ଦିନ ତଳେ ପୁଣି ବରଫ ଝଡ଼ଟିଏ ହୋଇଯାଇଥିଲା ଏଠି। ତୁଷାର ପଥର ହେବା ଆଗରୁ ଥଣ୍ଡାରେ ବାହାରକୁ ଯାଇ ଗାଡି ସଫା କରିବାକୁ ହେଉଛି। କି ଶାସ୍ତି ! କୋଉଠିକା ମଣିଷ କୋଉଠି ଆସି ପଡ଼ିଛି, କହ।

### ପୁସ୍ତକ ପରିକ୍ରମା : ଶକୁନ୍ତଳାର ଝିଅ

'କାଦମ୍ବିନୀ ସାହିତ୍ୟ ମହୋତ୍ସବ' ପାଳନ ଅବସରରେ ଗତ ଜାନୁଆରୀ ୧୪ ତାରିଖରେ ଭୁବନେଶ୍ୱରସ୍ଥିତ କିଟ୍ କନ୍‌ଭେନ୍‌ସନ୍ ସେଣ୍ଟରଠାରେ ଆମନ୍ତ୍ରିତ ଅତିଥିମାନଙ୍କ କରକମଳରେ ଡ. ଇତି ସାମନ୍ତଙ୍କ ରଚିତ ଉପନ୍ୟାସ 'ଶକୁନ୍ତଳାର ଝିଅ' ଉନ୍ମୋଚିତ ହୋଇଥିଲା। ସ୍ୱଳ୍ପ ସମୟ ମଧ୍ୟରେ ଉପନ୍ୟାସ ପୁସ୍ତକଟି ଅଭୂତପୂର୍ବ ପାଠକୀୟ ଆଦୃତି ଲାଭ କରିଛି। ପାଠକପାଠିକା, ଲେଖକଲେଖିକା ଓ ଶୁଭେଚ୍ଛୁମାନଙ୍କଠାରୁ ବହୁ ବାଚନିକ ପ୍ରଶଂସା ଓ ଲିଖିତ ଅଭିମତ ପ୍ରାପ୍ତ ହୋଇଛି। ଏହି ପୁସ୍ତକ ଉପରେ ଓଡ଼ିଶାର କେତେଜଣ ସ୍ୱନାମଧନ୍ୟ ତଥା ସୁପ୍ରତିଷ୍ଠିତ କଥାଶିଳ୍ପୀଙ୍କର ଅଭିମତ ଏଠାରେ ସ୍ଥାନିତ କରୁଛୁ।

### ସ୍ୱାସ୍ଥ୍ୟ : ସଙ୍ଗୀତ ଚିକିତ୍ସା
### ଡା. : ସରୋଜିନୀ ଷଡ଼ଙ୍ଗୀ

ସଙ୍ଗୀତର ଶକ୍ତି ବଡ଼ ଅଦ୍ଭୁତ। ଏହା ମନକୁ କେବଳ ଆନନ୍ଦ କି ମନୋରଞ୍ଜନ ଦିଏ ନାହିଁ, ମନ ଓ ଶରୀରକୁ ଶାନ୍ତ ଓ ସତେଜ ରଖିବାରେ ବି ସାହାଯ୍ୟ କରେ। ସଙ୍ଗୀତର ଅନେକ ଉପକାରୀ ଶକ୍ତି ମଧ୍ୟରୁ ରୋଗ ନିବାରକ ଶକ୍ତି ହେଉଛି ଅନ୍ୟତମ। ଆଧୁନିକ ଚିକିତ୍ସା ବିଜ୍ଞାନ କହୁଛି, ସଙ୍ଗୀତ ମାଧ୍ୟମରେ ମାନସିକ ଅବସାଦ, ସ୍ନାୟୁଗତ ଦୁର୍ବଳତା ସମେତ ଅନେକ ରୋଗର ଉପଶମ କରିହେବ। ଏହାକୁ ମ୍ୟୁଜିକ୍ ଥେରାପି ବା ସଙ୍ଗୀତ ଚିକିତ୍ସା କୁହାଯାଉଛି। ସେହି ସଙ୍ଗୀତ ଚିକିତ୍ସା ସଂପର୍କରେ ଏହି ଆଲେଖ୍ୟ।

### ଅଳ୍ପ ଆଳାପ : ସ୍ୱପ୍ନା ପ୍ରିୟଦର୍ଶିନୀ

ବିଭିନ୍ନ ସମୟରେ ବହୁ ଜାତୀୟ, ଅନ୍ତର୍ଜାତୀୟ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ଓଡ଼ିଆ ଲଳନାମାନେ ନିଜର ଶ୍ରେଷ୍ଠତା ପ୍ରତିପାଦନ କରି ରାଜ୍ୟ ପାଇଁ ସୁନାମ ଆଣୁଛନ୍ତି। ସେମିତି ଜଣେ ଓଡ଼ିଆ ଲଳନା ହେଲେ ସ୍ୱପ୍ନା ପ୍ରିୟଦର୍ଶିନୀ। ମାତ୍ର ୧୭ ବର୍ଷ ବୟସରେ ସ୍ୱପ୍ନା ମିଆଁମାର ଦେଶରେ ଅନୁଷ୍ଠିତ ମିସ୍ ଟୁରିଜିମ୍ ଆଣ୍ଡ୍ କଲଚର୍ ୟୁନିଭର୍ସ-୨୦୧୮ରେ ଭାରତକୁ ପ୍ରତିନିଧିତ୍ୱ କରି ତୃତୀୟ ରନର୍ସ ଅପ୍ ଓ ମିସ୍ ଫଟୋଜେନିକ୍ ହେବା ସହ ଓଡ଼ିଶା ପାଇଁ ଗର୍ବ ପାଲଟିଛନ୍ତି। ନିକଟ ଅତୀତରେ ସେ ମିସ୍ ଛତିଶଗଡ଼, ମିସ୍ ଟିନ୍ ଇଣ୍ଡିଆ, କିଟ୍ ନହ୍ନିପରୀ ଟାଇଟଲ୍ ହାସଲ କରିଛନ୍ତି। ଏକାଦଶ ଶ୍ରେଣୀରେ ପଢୁଥିବା ସ୍ୱପ୍ନା ଭବିଷ୍ୟତରେ ମିସ୍ ୟୁନିଭର୍ସ ହେବାର ସ୍ୱପ୍ନ ଦେଖୁଛନ୍ତି। 'କାଦମ୍ବିନୀ' ପ୍ରଚ୍ଛଦ ପୃଷ୍ଠାରେ ସ୍ଥାନ ପାଇବା ଅବସରରେ ସ୍ୱପ୍ନାଙ୍କ ସହ ଅଳ୍ପ ଆଳାପ। ସାକ୍ଷାତ: କେଦାର ପୃଷ୍ଟି

### ମନୋରଞ୍ଜନ

ଓଲେ ଓଲେ ଦିଲ୍ ବୋଲେ, ଯୋଗୀ, ବିଶ୍ୱନାଥ, ଶକ୍ତି, କଟି ପତଙ୍ଗ ଓ ପ୍ରେମ କୁମାର।

### ଚଳନ୍ତିକା

ଏ ମାସରେ ଚଳନ୍ତିକା ପୃଷ୍ଠାରେ ରହିଛି: କିସ୍‌ରେ ଅବିର ପର୍ବ, ପଙ୍କଜ ଉତ୍ସବ, ଯଦୁନାଥ ଦାଶ ମହାପାତ୍ରଙ୍କ ଜୟନ୍ତୀ ସଭା ଓ ଓଡ଼ିଆ ଫିଲ୍ମ ଫେୟାର ଆୱାର୍ଡ୍ସ।